# ଧରିତ୍ରୀ

# ତାରିଖ: ୨୮.୦୯.୨୦୨୫

# ବିଆଇଆଇଟିଏମ୍‌ର 'ଜଶନ୍-୨୦୨୫'




କାର୍ଯ୍ୟକ୍ରମରେ ଅତିଥିମାନେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୭।୯(ଅନୁରାଧା ମହାରଣା)**

ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍) ବାର୍ଷିକ ଫ୍ଲାଗ୍‌ଶିପ ଇଭେଣ୍ଟ 'ଜଶନ୍ ୨୦୨୫' ଶନିବାର ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବିଆଇଆଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣରେ ବାର୍ଷିକ ରିପୋର୍ଟ ୨୦୨୪-୨୫ ଉପସ୍ଥାପନ କରିଥିଲେ। ଏଥିସହ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଏକାଡେମିକ ସଫଳତା, ଗବେଷଣା ପଦକ୍ଷେପ ଏବଂ ଭବିଷ୍ୟତ ଆକାଂକ୍ଷା ଉପରେ ଆଲୋକପାତ କରିଥିଲେ। ଡିନ୍ (ଏକାଡେମିକ) ପ୍ରଫେସର ଚିନ୍ମୟ କୁମାର ଦାସ ଏବଂ ପରାମର୍ଶଦାତା(ଏକାଡେମିକ) ପ୍ରଫେସର ପ୍ରତାପ ରୁଦ୍ର ପଟ୍ଟନାୟକ ଏକାଡେମିକ ଉତ୍କର୍ଷତା ଓ ଭବିଷ୍ୟତ ନେତୃତ୍ୱ ଗଠନରେ ସାମଗ୍ରିକ ଶିକ୍ଷାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଆଇଟିର ମହାନିର୍ଦ୍ଦେଶକ (ଗବେଷଣା ଓ ବିକାଶ ଏବଂ ନବସୃଜନ) ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମୁଖ୍ୟବକ୍ତା ଭାବେ ଯୋଗଦେଇ ବଡ଼ ସ୍ୱପ୍ନ ଦେଖିବା, ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଟ୍ରେଣ୍ଡସେଟର ହେବା, ପ୍ରଯୁକ୍ତି ବିଦ୍ୟା ଏବଂ ବୌଦ୍ଧିକ ସମ୍ପତ୍ତିକୁ ପ୍ରଭାବୀ ଢଙ୍ଗରେ ପରିଚାଳନା କରିବା, ବାସ୍ତବ ବିଶ୍ୱ ଆହ୍ୱାନର ମୁକାବିଲା କରିବା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୟା ଓ ନମ୍ରତାକୁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ! ରାଉରକେଲା ବିପିୟୁଟିର ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବସୃଜନ, ଷ୍ଟାର୍ଟଅପ୍ ଏବଂ ଉଦ୍ୟମିତାର ପରିବର୍ତ୍ତନକାରୀ ଶକ୍ତି ବିଷୟରେ କହିଥିଲେ। ପ୍ରଫେସର ସଞ୍ଜୀବ କୁମାର ଦେ ଓ ପ୍ରଫେସର ଦେବବ୍ରତ ଶର୍ମାଙ୍କ ଦ୍ୱାରା ଲିଖିତ 'ଜିଏସ୍‌ଟି ଏବଂ ଅନ୍ୟାନ୍ୟ ପରୋକ୍ଷ ଟିକସ, ସୀମା ଶୁଳ୍କ' ପୁସ୍ତକ ଉନ୍ମୋଚନ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିଯୁକ୍ତି ଓ ପ୍ରଶିକ୍ଷଣ ମୁଖ୍ୟ ପ୍ରଫେସର କେ. ଚନ୍ଦ୍ରଶେଖର ଧନ୍ୟବାଦ ଦେଇଥିଲେ।